# ତହସିଲଦାରଙ୍କ କାର୍ଯ୍ୟାଳୟ, ବହଳଦା, ମୟୂରଭଞ୍ଜ

**ବିଜ୍ଞପ୍ତି ସଂଖ୍ୟା :- ୨୯୫୫ //ତା. ୧୬/୧୨/୨୦୨୨ ରିଖ//**

## ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘ ମିଆଦି ଲିଜ୍ ନିମନ୍ତେ ବିଜ୍ଞାପନ

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବହଳଦା ତହସିଲର ୨(ଦୁଇ) ଗୋଟି ସୈରାତ ଉତ୍ସ ଯଥା ଝାଡଗାଁ ପଥର ଖାଦାନ ଏବଂ ଦୁନ୍ଦୁଘାଟ ବାଲି ଉତ୍ସ କୁ ୫ (ପାଞ୍ଚ) ବର୍ଷ ନିମନ୍ତେ OMMC Rules-2016 ଓ ତତ୍ ସମ୍ପୃକ୍ତ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ (ଆଇନ ୨୦୨୨) ଅନୁଯାୟୀ ଦୀର୍ଘ ମିଆଦି ଲିଜ୍ ସୂତ୍ରେ ନେବାପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules-2016 ଅନୁଯାୟୀ Form-M ତିନିକିତା (୩ Copies) ପୂରଣ କରି ଆସନ୍ତା **ତା. ୨୦/୧୨/୨୦୨୨** ରିଖ ପୂର୍ବାହ୍ନ ଘ. ୧୦.୦୦ ଟିକା ଠାରୁ **ତା ୦୯/୦୧/୨୦୨୩ ରିଖ ଅପରାହ୍ନ ଘ. ୫.୦୦ ଟିକା ମଧ୍ୟରେ** (ଛୁଟିଦିନ ବ୍ୟତୀତ) ଆନୁସଙ୍ଗିକ ଦସ୍ତାବିଜ୍ ସଂଲଗ୍ନ କରି ଜଉମୁଦ ଦିଆଯାଇଥିବା ଲଫାପା (Sealed Cover Envelop) ରେ ଆବେଦନ କରୁଥିବା ଉତ୍ସର ନାମ ଉଲ୍ଲେଖ କରି Registered Post / Speed Post ଜରିଆରେ ତହସିଲଦାର, ବହଳଦା, ଜିଲ୍ଲା- ମୟୂରଭଞ୍ଜଙ୍କ ଠିକଣାରେ କିମ୍ବା ତହସିଲଦାରଙ୍କ କାର୍ଯ୍ୟାଳୟର ଜଉମୁଦ ଦିଆ ଟେଣ୍ଡର ବାକ୍ସରେ ଦାଖଲ କରିପାରିବେ । ଉକ୍ତ ଟେଣ୍ଡର ବାକ୍ସ ତା. ୧୦/୦୧/୨୦୨୩ **ରିଖ ପୂର୍ବାହ୍ନ ଘ. ୧୧.୦୦ ଟିକା ସମୟରେ** ଟେଣ୍ଡର କମିଟି ତଥା ଆବେଦନକାରୀଙ୍କ ଉପସ୍ଥିତିରେ ଖୋଲାଯାଇ ନିଲାମ ପ୍ରକ୍ରିୟା ସମ୍ପାଦନ କରାଯିବ ।

ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ସମ୍ପର୍କରେ ତହସିଲ କାର୍ଯ୍ୟାଳୟରେ (ଛୁଟି ଦିନ ବ୍ୟତୀତ) ସମସ୍ତ ସରକାରୀ କାର୍ଯ୍ୟଦିବସରେ ଉପଲବ୍ଧ ହେବ ଏବଂ ଜିଲ୍ଲା ୱେବସାଇଟ www.mayurbhanj.nic.in ମାଧ୍ୟମରେ ମଧ୍ୟ ସମସ୍ତ ସୂଚନା ପାଇପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ଆବଶ୍ୟକୀୟ ଦସ୍ତାବିଜ ନଥିଲେ କିମ୍ବା କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆବେଦନକାରୀଙ୍କ ଦରଖାସ୍ତକୁ ନିଲାମ ପ୍ରକ୍ରିୟାରୁ ବାଦ ଦିଆଯିବ ।

ପ୍ରକାଶ ଥାଉକି, କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବା, ପରିବର୍ତ୍ତନ କରିବା, ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀଙ୍କର ରହିଅଛି ।

ତହସିଲଦାର ଏବଂ ପ୍ରାଧିକୃତ ଅଧିକାରୀ,
ବହଳଦା
Tahasildar
Bahalda